# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**16 October – 2025**

***********************************

## ମୁଖ୍ୟ ସମ୍ବାଦ

- ପଳାତକଙ୍କ ପ୍ରତ୍ୟାର୍ପଣ ନେଇ ପ୍ରତ୍ୟେକ ରାଜ୍ୟ' ସିବିଆଇ ସହ ମିଳିତ ଭାବେ ଏକ ୟୁନିଟ୍ ଗଠନ କରିବାକୁ ପରାମର୍ଶ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

- ଖାଦ୍ୟ ଉତ୍ପାଦରୁ ଓ.ଆର୍.ଏସ୍. ଶବ୍ଦକୁ ପ୍ରତ୍ୟାହାର କରିବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ନିର୍ଦ୍ଦେଶ

- ବୈତରଣୀ ରୋଡ୍ ଓ ଯାଜପୁର–କେନ୍ଦୁଝର ରୋଡ୍ ମଧ୍ୟରେ ନୂତନ ଭାବେ ନିର୍ମିତ ରେଳଲାଇନ୍‌ର ଯାଞ୍ଚ ପ୍ରକ୍ରିୟା ଶେଷ

ଏବଂ

- ଚିକିତ୍ସାଧୀନ ଶିଶୁଙ୍କ ମାନସିକ ସୁସ୍ଥତା ଲକ୍ଷ୍ୟ ନେଇ କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଆରମ୍ଭ ହୋଇଛି ଶିଶୁ ପାଠାଗାର

# ପଳାତକଙ୍କ ପ୍ରତ୍ୟାର୍ପଣ ସମ୍ମିଳନୀ

ନୂଆଦିଲ୍ଲୀରେ ଆଜିଠାରୁ ପଳାତକଙ୍କ ପ୍ରତ୍ୟାର୍ପଣ ଏବଂ ରଣନୀତି ଆଧାରିତ ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମ୍ମିଳନୀକୁ ଉଦ୍‌ଘାଟନ କରି କହିଛନ୍ତି, ଦୁର୍ନୀତି, ଅପରାଧ ଏବଂ ଆତଙ୍କବାଦ ବିରୁଦ୍ଧରେ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ସବୁ ଅପରାଧୀଙ୍କୁ ଆଇନ ପରିସର ମଧ୍ୟକୁ ଆଣିବା ପାଇଁ ଏକ ସୁବ୍ୟବସ୍ଥିତ ଢାଞ୍ଚା ବିକଶିତ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି। ପ୍ରତ୍ୟେକ ପଳାତକଙ୍କ ପାଇଁ ନିଷ୍ଠୁର ଆଭିମୁଖ୍ୟ ଗ୍ରହଣ କରାଯିବା ସହ ସେମାନଙ୍କୁ ଦେଶର ନ୍ୟାୟିକ ବ୍ୟବସ୍ଥା ସମ୍ମୁଖକୁ ଆଣିବାକୁ ମନ୍ତ୍ରୀ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୮ ମସିହାରେ ସରକାର ପଳାତକ ଅର୍ଥନୈତିକ ଅପରାଧୀ ଆଇନ ପ୍ରଣୟନ କରିଥିଲେ। ପଳାତକଙ୍କ ସମ୍ପତ୍ତି ଜବତ କରିବାକୁ ଏହି ଆଇନ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରିଛି। ପ୍ରତ୍ୟେକ ରାଜ୍ୟ’ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ– ସିବିଆଇ ସହ ମିଳିତ ଭାବରେ ଏକ ୟୁନିଟ୍ ଗଠନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି। ପଳାତକଙ୍କୁ ଫେରାଇ ଆଣିବାରେ ଏହା ଉପଯୋଗୀ ହୋଇପାରିବ। ସିବିଆଇ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ କେନ୍ଦ୍ରୀୟ ଓ ରାଜ୍ୟ ପୁଲିସ ସଂସ୍ଥାଗୁଡ଼ିକର ବିରଷ୍ଠ ଅଧିକାରୀ ଯୋଗଦେଇ

ପଳାତକ ଚିହ୍ନଟ ଏବଂ ପ୍ରତ୍ୟାବର୍ତ୍ତନ ନେଇ ରଣନୀତି ପ୍ରସ୍ତୁତି ଉପରେ ଆଲୋଚନା କରାଯାଉଛି।

BBSR/R (Repeat)

## ମହଙ୍ଗା ଭତ୍ତା ବୃଦ୍ଧି

ରାଜ୍ୟ ସରକାର’ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା  ଆଜି ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଚଳିତ ବର୍ଷ ଜୁଲାଇ ପହିଲାରୁ ପିଛିଲା ଭାବେ ଏହା ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ଚଳିତ ମାସ ଦରମାରେ ନଗଦ ଆକାରରେ ମିଳିବ। ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପେନସନ୍‌ଭୋଗୀମାନଙ୍କ ଟି.ଆଇ.ରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ଅନୁରୂପଭାବେ ଅକ୍ଟୋବର ମାସ ପେନସନ୍‌ରେ ଏହି ବର୍ଦ୍ଧିତ ଟି.ଆଇ. ପ୍ରଦାନ କରାଯିବ। ଏହାଦ୍ୱାରା ସାଢ଼େ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନସନ୍‌ଭୋଗୀ ଉପକୃତ ହେବେ।

News Pool

## ଏଫ୍‌ଏସ୍‌ଏସ୍‌ଏଆଇ-ଓଆରଏସ୍

ଖାଦ୍ୟ ଉତ୍ପାଦରୁ ଓ.ଆର୍‌.ଏସ୍‌. ଶବ୍ଦକୁ ପ୍ରତ୍ୟାହାର କରିବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଖାଦ୍ୟ ବ୍ୟବସାୟ ପରିଚାଳନାକାରୀ ଏହି ନିଷ୍ପତ୍ତିକୁ ପାଳନ କରିବାକୁ କୁହାଯାଇଛି। ଖାଦ୍ୟ ସୁରକ୍ଷା ଏବଂ ମାନକ ଆଇନ ୨୦୦୬ ଅନୁଯାୟୀ, ନିର୍ଦ୍ଧାରିତ ଲେବଲିଂ ଏବଂ ବିଜ୍ଞାପନ

ଆବଶ୍ୟକତା ପୂରଣ କ୍ଷେତ୍ରରେ ଆଇନର କଡ଼ା ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛି ।

Ganjam

# ନିର୍ବାଚନ ସମୀକ୍ଷା

ଗଞ୍ଜାମ ଜିଲ୍ଲାରେ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଆଜି ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମତଦାନ ହାର ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଉଭୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଶ୍ରୀ ପାଢ଼ି ମତବିନିମୟ କରିଛନ୍ତି । ଆସନ୍ତା ବର୍ଷ ଜାନୁଆରୀରେ ୧୮ ବର୍ଷରେ ପଦାର୍ପଣ କରୁଥିବା ଯୁବବର୍ଗଙ୍କୁ ଭୋଟର ତାଲିକାରେ ସାମିଲ କରିବାକୁ ଶ୍ରୀ ପାଢ଼ି ପରାମର୍ଶ ଦେଇଛନ୍ତି । ଭୋଟର ତାଲିକା ସଂଶୋଧନ ନେଇ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଜନସଚେତନତା ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲାର ସମ୍ବେଦନଶୀଳ ତଥା ଅତିସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପାଢ଼ି ନିର୍ଦ୍ଦେଶ ଦେଇଛନ୍ତି ।

Desk

# ବିଜେପି ଦଳ ପଦାଧିକାରୀ ତାଲିକା

ଭାରତୀୟ ଜନତା ପାର୍ଟି ପକ୍ଷରୁ ଓଡ଼ିଶା ରାଜ୍ୟ ଦଳୀୟ ପଦାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ରାଜ୍ୟ ଶାଖା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ପ୍ରକାଶିତ ଏହି ତାଲିକାରେ ଉପସଭାପତି ଭାବେ ୧୦ ଜଣଙ୍କୁ ନିଯୁକ୍ତ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ୪ ଜଣ, ସମ୍ପାଦକ ଭାବେ ୧୦ ଜଣ, କୋଷାଧ୍ୟକ୍ଷ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଜଣେ ଲେଖାଏଁ ଦଳୀୟ କର୍ମକର୍ତ୍ତାଙ୍କୁ ନିଯୁକ୍ତ କରାଯାଇଛି।

PIB

## କୃଷକଙ୍କ ଆୟବୃଦ୍ଧି ଲକ୍ଷ୍ୟ ନେଇ ମାର୍ଗଦର୍ଶିକା

ସୁବ୍ୟବସ୍ଥିତ ଜଳ ପରିଚାଳନାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି ଲକ୍ଷ୍ୟ ନେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଏକ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରତି ବିନ୍ଦୁ ଜଳ ଅଧିକ ଫସଲ ପି.ଏମ୍.ଡି.ସି. ଯୋଜନା ଅଧୀନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସୂକ୍ଷ୍ମସ୍ତରୀୟ ଜଳସଂରକ୍ଷଣ ନେଇ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ସଂଶୋଧିତ ମାର୍ଗଦର୍ଶିକା ଅନୁଯାୟୀ, ଏଣିକି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସ୍ଥାନୀୟ ଆବଶ୍ୟକତା ଆଧାରିତ ସୂକ୍ଷ୍ମସ୍ତରୀୟ ଜଳ ପରିଚାଳନା ପଦକ୍ଷେପ ଗ୍ରହଣ କରିପାରିବେ। କୃଷି କ୍ଷେତ୍ର ପାଇଁ ସ୍ଥାୟୀ ଜଳ ଉପଲବ୍ଧତା ଏହାଦ୍ୱାରା ସୁନିଶ୍ଚିତ ହୋଇପାରିବ। ପୂର୍ବରୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏହି ପଦକ୍ଷେପ ନିମନ୍ତେ ମୋଟ ଆବଣ୍ଟନର ୨୦ ପ୍ରତିଶତ ସୀମା ଧାର୍ଯ୍ୟ କରାଯାଇଥିବା

ବେଳେ ଏବେ ଏହା ଆବଶ୍ୟକତା ଅନୁଯାୟୀ, ବୃଦ୍ଧି କରାଯିବାକୁ ଅନୁମତି ଦିଆଯାଇଛି। ଏଭଳି ପଦକ୍ଷେପ ଜଳ ବ୍ୟବହାର ଦକ୍ଷତାରେ ଉନ୍ନତି ଆଣିବା ସହ ଉତ୍ପାଦକତା ଏବଂ ଆୟବୃଦ୍ଧିରେ ସହାୟକ ହେବ ବୋଲି କୃଷି ଓ କୃଷକ କଲ୍ୟାଣ ବିଭାଗ କହିଛି।

Railway PR

## ରେଳପଥ ନିର୍ମାଣ

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ହାୱଡ଼ା-ଚେନ୍ନାଇ ମୁଖ୍ୟ ରେଳମାର୍ଗର ଭଦ୍ରକ–ନିର୍ଗୁଣ୍ଡି ତୃତୀୟ ଲାଇନ୍‌ର ନିର୍ମିତ ଅଂଶର ଆଜି ଯାଞ୍ଚ କରାଯାଇଛି। ବୈତରଣୀ ରୋଡ୍ ଓ ଯାଜପୁର କେନ୍ଦୁଝର ରୋଡ୍ ମଧ୍ୟରେ ନୂତନ ଭାବେ ନିର୍ମିତ ୧୧ କିଲୋମିଟର ୬୩୪ ମିଟର ରେଳଲାଇନ୍‌ର ଯାଞ୍ଚ କରାଯାଇଛି। ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆବଶ୍ୟକୀୟ ମାନଦଣ୍ଡ ଅନୁପାଳନ ଉଦ୍ଦେଶ୍ୟରେ ଏହି ଯାଞ୍ଚ କରାଯାଇଥିବା ରେଳମଣ୍ଡଳ ପକ୍ଷରୁ କୁହାଯାଇଛି। ମୋଟ୍ ୯୨ କିଲୋମିଟର ୧୯ ମିଟର ଦୀର୍ଘ ଏହି ରେଳପଥ ହାୱଡ଼ା-ଚେନ୍ନାଇ ମୁଖ୍ୟ ରେଳମାର୍ଗରେ ଭିଡ଼ ହ୍ରାସ କରିବା ତଥା କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ପ୍ରସ୍ତୁତ କରାଯାଇଛି। ଏହି ପ୍ରକଳ୍ପର ୬୫ କିଲୋମିଟରରୁ ଅଧିକ ରେଳପଥ ଇତିମଧ୍ୟରେ ଶେଷ ହୋଇସାରିଛି। ୧ ହଜାର ୨୮୪ କୋଟି ୩୯ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ରକଳ୍ପ ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

Sambalpur

## ସମବାୟ ନୀତି କର୍ମଶାଳା

ଓଡ଼ିଶା ରାଜ୍ୟ ସମବାୟ ନୀତି-୨୦୦୫ ଆଧାରିତ ଏକ ଆଞ୍ଚଳିକ କର୍ମଶାଳା ସମ୍ବଲପୁରଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ସମବାୟ ନୀତିର ଆଭିମୁଖ୍ୟ ଉପରେ ଆଲୋକପାତ କରିଛନ୍ତି। ଗ୍ରାମାଞ୍ଚଳରେ ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବା, ପ୍ରତି ଗ୍ରାମପଞ୍ଚାୟତରେ କୃଷି ସମବାୟ ସମିତି ଗଠନ, ସହଜ କୃଷି ଋଣ ପ୍ରଦାନ, ଉନ୍ନତ ବିହନ, ସାର, କୀଟନାଶକ, କୃଷି ଉପକରଣ ପ୍ରଦାନ ତଥା ଆଦର୍ଶ ସେବା, ସମବାୟ ସମିତି ଗଠନ ନେଇ ବୈଠକରେ ମତ ବିନିମୟ ହୋଇଛି। ସମ୍ବଲପୁର ଜିଲ୍ଲା ସମେତ ୮ଟି ଜିଲ୍ଲାର ସମବାୟ ସମିତି କର୍ମକର୍ତ୍ତା ଏବଂ କୃଷକ ନେତା ଏହି କର୍ମଶାଳାରେ ଯୋଗ ଦେଇଥିଲେ।

Nayagarh

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତିରାଜ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସମ୍ପଦ, ଜଙ୍ଗଲ, ଅନୁସୂଚିତ

ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ନେଇ ସମୀକ୍ଷା କରାଯାଇଛି। ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପର ଅଗ୍ରଗତି ତଥା ଟାକରାଠାରେ ନିର୍ମାଣାଧୀନ ପାୱାର ଗ୍ରୀଡ୍‌କୁ କାର୍ଯ୍ୟକ୍ଷମ କରିବା ଉପରେ ବିଧାୟକ ଶ୍ରୀ ବେହେରା ଗୁରୁତ୍ୱ ପ୍ରଦାନ କରିଛନ୍ତି।

HS

## ଶିଶୁ ପାଠାଗାର

କଟକ ସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ଏକ ଶିଶୁ ପାଠାଗାର ପ୍ରତିଷ୍ଠା କରାଯାଇଛି। ଚିକିତ୍ସାଧୀନ ଶିଶୁଙ୍କୁ ପାଠପଢ଼ିବାର ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପାଠାଗାରରେ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ କାହାଣୀ, ଚିତ୍ର, ମନୋରଞ୍ଜନ ଭିତ୍ତିକ ପୁସ୍ତକ ଏବଂ ରଙ୍ଗ ଖେଳ ସାମଗ୍ରୀ ଓ ଡିଜିଟାଲ ଶିକ୍ଷଣ ଉପକରଣ ରଖାଯାଇଛି। ଚିକିତ୍ସା ସହିତ ଶିଶୁଙ୍କର ମାନସିକ, ଭାବପ୍ରବଣ ସୁସ୍ଥତାକୁ ଗୁରୁତ୍ୱ ଦିଆଯାଇ ଏହି ପାଠାଗାର ପ୍ରତିଷ୍ଠା କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଶିଶୁ ରୋଗୀଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ।

Gajapati

## ଜନଜାତି ଜୀବିକା ମିଶନ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁମିତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ପରିଚାଳନା କମିଟି ଏବଂ ଆଦିକର୍ମଯୋଗୀ ଅଭିଯାନର କର୍ମକର୍ତ୍ତା ଯୋଗ ଦେଇଥିଲେ । ଆଗାମୀ ରବିରତୁ ପାଇଁ ପ୍ରସ୍ତୁତ ହୋଇଥିବା କୃଷି ଯୋଜନା ସମ୍ପର୍କରେ ବୈଠକରେ ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରାଯାଇଛି । ଆଦିକର୍ମଯୋଗୀ ଅଭିଯାନ ଅଧୀନରେ ପ୍ରସ୍ତୁତ ହୋଇଥିବା ୩୪୫ଟି ଗ୍ରାମର ଗ୍ରାମ୍ୟ କାର୍ଯ୍ୟକ୍ରମ ଯୋଜନାକୁ ଜିଲ୍ଲାପାଳ ଏହି ଅବସରରେ ଅନୁମୋଦନ ପ୍ରଦାନ କରିଛନ୍ତି ।

Nayagarh

## ଜନଶୁଣାଣି ଶିବିର

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା– ମନରେଗା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଚଳିତ ଆର୍ଥିକ ବର୍ଷରେ ମୋଟ୍ ୨୫ ହଜାର ୭୪୨ ଜବକାର୍ଡ ଏବଂ ୪୪ ହଜାର ୮୨୬ ଜଣ ଶ୍ରମିକଙ୍କ ମଧ୍ୟରୁ ୧୫ ହଜାର ୨୫୬ ଜଣ କାର୍ଯ୍ୟ କରିଥିବା ଜଣାପଡ଼ିଛି । ଏ ପର୍ଯ୍ୟନ୍ତ ଚଳିତ ଆର୍ଥିକ ବର୍ଷରେ ମନରେଗା ଯୋଜନା ଅଧୀନରେ ୪ କୋଟି ୫୮ ଲକ୍ଷ ୧୧ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବୈଠକରୁ ଜଣାପଡ଼ିଛି । ଖାଦ୍ୟ ସୁରକ୍ଷା ଯୋଜନାର ସଠିକ୍

କାର୍ଯ୍ୟାନ୍ୱୟନ ନେଇ ଉପସ୍ଥିତ ପି.ଇ.ଓ.ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ବୋର୍ଡ ପ୍ରଦର୍ଶନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉପଜିଲ୍ଲାପାଳ ତପସ୍ୱିନୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ଗାଁ ବ୍ଲକର ୩୬ଟି ପଞ୍ଚାୟତର ପି.ଇ.ଓ. ଏବଂ ଗାଁ ସାଥୀ ପ୍ରମୁଖ ଯୋଗ ଦେଇଥିଲେ।

Khurda

## ଚିତ୍ରାଙ୍କନ ପ୍ରତିଯୋଗିତା

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଏକ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳା ଓ ଲେଖା ମାଧ୍ୟମରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସୃଜନଶୀଳତା ଏବଂ ସଚେତନତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରେଳ କର୍ମଚାରୀଙ୍କ ପରିବାର ସଦସ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି।

Deogarh

## ରାଜସ୍ୱ ସମୀକ୍ଷା ବୈଠକ

ଦେବଗଡ଼ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ମାସରେ ଧାର୍ଯ୍ୟ ହୋଇଥିବା ଭୂ-ରାଜସ୍ୱ, ରୟାଲିଟି,

ଜଳକର, ବସୁନ୍ଧରା ତଥା ସ୍କୁଲ, କଲେଜ ପଟ୍ଟା ଏବଂ ଅନ୍ୟାନ୍ୟ କର ଆଦାୟ ନେଇ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ।